## ସମ୍ବଲପୁରରେ ଗ୍ରାମୀଣ ଆତ୍ମନିର୍ଭରଶୀଳ ମହିଳା ସମାବେଶ ‘ଓଡ଼ିଶା-୫୦’

# ମା’ମାନେ ସର୍ବଶ୍ରେଷ୍ଠ ମ୍ୟାନେଜର୍





### ଓସୁ ହେବ ଡିଜିଟାଲ୍ ବିଶ୍ୱବିଦ୍ୟାଳୟ



ଓଡ଼ିଶା ମୁକ୍ତ ବିଶ୍ୱବିଦ୍ୟାଳୟ ଆଗାମୀ ଦିନରେ ଡିଜିଟାଲ୍ ବିଶ୍ୱବିଦ୍ୟାଳୟ ହେବ। ବୟସ, ଲିଙ୍ଗ, ବର୍ଗ ନିର୍ବିଶେଷରେ ଜନଶିକ୍ଷା ପାଇଁ ଅବସର। ସମସ୍ତଙ୍କୁ ଅନ୍‌ଲାଇନ ଯୋଗେ ଶିକ୍ଷାଦାନ କରାଯିବ। ଗୁଣାତ୍ମକ ଶିକ୍ଷା ପ୍ରତ୍ୟେକଙ୍କ ଦ୍ୱାରମୂହଁରେ ପହଞ୍ଚିବ। କିନ୍ତୁ ପରୀକ୍ଷା ଅନୁଷ୍ଠାନ ପ୍ରାଙ୍ଗଣରେ କଡ଼ା ଶୃଙ୍ଖଳା ମଧ୍ୟରେ ଅନୁଷ୍ଠିତ ହେବ। ଯିଏ ଉପଯୁକ୍ତ ଶିକ୍ଷା ଲାଭ କରିଥିବ, ସିଏ ହିଁ ଡିଗ୍ରୀ ହାତେଇ ପ୍ରମାଣପତ୍ର ଲାଭ କରିବ ବୋଲି ଓଡ଼ିଶା ମୁକ୍ତ ବିଶ୍ୱବିଦ୍ୟାଳୟର କୁଳପତି ପ୍ର. ଶ୍ୟାମସୁନ୍ଦର ପଟ୍ଟନାୟକ କହିଛନ୍ତି। ସମ୍ବାଦ ଆୟୋଜିତ ଗ୍ରାମୀଣ ମହିଳା ଉଦ୍ୟୋଗୀ ସମାବେଶରେ ଯୋଗଦେଇ ପ୍ର. ପଟ୍ଟନାୟକ କହିଲେ, ବର୍ତ୍ତମାନ ଓଡ଼ିଶା ମୁକ୍ତ ବିଶ୍ୱବିଦ୍ୟାଳୟ ମୁକ୍ତ ଯୋଗାଇଛି। ଦେଶର ପ୍ରଥମ ମହିଳା (ଆଦିବାସୀ ଭୂମିକା) ଆସୁଛି, ଏଥିପାଇଁ ସମସ୍ତଙ୍କୁ ସେହି ଅନୁଯାୟୀ ପାଠ ଛାତ୍ରଙ୍କୁ ପଢ଼ିବ। ଯୋଗବୋର୍ଡ ଅଭିନବ ଷ୍ଟାର୍ଟଅପ୍ ପରାମର୍ଶୀ ସମୟରେ ଟମାଟୋ, ଲଙ୍କା, ଆଳୁ, ଚଣା ଭଳି ବିଭିନ୍ନ ବ୍ୟବସାୟ ଦେବାକୁ ଉତ୍ସାହିତ କରି ଉଦ୍ୟୋଗରେ ସ୍ୱାବଲମ୍ବୀ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ପ୍ରତ୍ୟେକ ଉଦ୍ୟୋଗୀଙ୍କୁ ବିଭିନ୍ନ ପର୍ଯ୍ୟାୟ ପରାମର୍ଶ ଦେଇଥିଲେ। ଅନୁସୂଚିତ ଜାତି, ଜନଜାତି ଉଦ୍ୟୋଗୀଙ୍କ ପ୍ରଶିକ୍ଷଣ ଓ ବିକାଶ ପାଇଁ ଜନଜାତି ଉନ୍ନୟନ ମନ୍ତ୍ରୀ ଜୁଏଲ୍ ଓରାମଙ୍କୁ ମୁକ୍ତ ବିଶ୍ୱବିଦ୍ୟାଳୟ ତରଫରୁ ୧୨୬ କୋଟି ଟଙ୍କାର ଏକ ବିସ୍ତୃତ ପ୍ରସ୍ତାବ ଦିଆଯାଇଥିବା ସେ କହିଥିଲେ।

### ସୌମ୍ୟବାବୁ ଓଡ଼ିଆ ଅସ୍ମିତାର ପ୍ରବର୍ତ୍ତକ: ପ୍ରଦୀପ



କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ କହିଲେ, ଗତ ନିର୍ବାଚନରେ ଗୋଟିଏ ଶବ୍ଦ ‘ଓଡ଼ିଆ ଅସ୍ମିତା’ କାହିଁକି ଗୁଞ୍ଜରିତ ହୋଇଥିଲା। ଏହି ଅସ୍ମିତାର ଲହରୀ ଏମିତି ମାଡ଼ିଥିଲା ଯେ ୨୪ ବର୍ଷ ପୁରୁଣା ଏକ ସରକାର ଖୋଇହୋଇ ଯାଇଥିଲା। ନୂତନ ରାଜନୈତିକ ଇତିହାସ ସୃଷ୍ଟି ହେଲା। କିନ୍ତୁ ଏହି ଅସ୍ମିତା ଶବ୍ଦକୁ ଯିଏ ପ୍ରଥମେ ଲୋକଙ୍କ ସାମ୍ନାକୁ ଆଣିଥିଲେ ଓ ୩୦ ବର୍ଷରୁ ଅଧିକ ସମୟ ଧରି ଯିଏ ଓଡ଼ିଆ ଅସ୍ମିତା ପାଇଁ କାର୍ଯ୍ୟ କରି ଆସୁଛନ୍ତି ସେ ହେଲେ ‘ସମ୍ବାଦ’ର ପ୍ରତିଷ୍ଠାତା ସୌମ୍ୟରଞ୍ଜନ ପଟ୍ଟନାୟକ। ଆଗାମୀ ଦିନରେ ଓଡ଼ିଶାର ଇତିହାସ ଯେବେ ବି ଲେଖାଯିବ, ସେଥିରେ ସୌମ୍ୟରଞ୍ଜନ ପଟ୍ଟନାୟକ ପ୍ରମୁଖଙ୍କର ନାଁ ସ୍ଥାନ ପାଇବେ ବୋଲି ଶ୍ରୀ ପୁରୋହିତ କହିଥିଲେ। ଓଡ଼ିଆ ଭାଷା ଓ ସଂସ୍କୃତିର ଉତ୍ଥାନ, ପରିବେଶ ସୁରକ୍ଷା ପାଇଁ ପ୍ରକୃଷ୍ଟ ପ୍ରଚିନ୍ତା, ମହାନ୍ତ ଓଡ଼ିଶା ପାଇଁ ଉଦ୍‌ବୋଧନ ତଥା ଜଳ୍ପନାଦ ଆନ୍ଦୋଳନ ଭଳି ଶ୍ରୀ ପଟ୍ଟନାୟକଙ୍କ ପ୍ରଚିତି ଅଭିଯାନ ଏକ ସୁସ୍ଥ ଓ ସମୃଦ୍ଧ ଓଡ଼ିଶା ଗଠନରେ ପ୍ରମୁଖ ଭଳି କାର୍ଯ୍ୟ କରିବ ବୋଲି ସେ କହିଥିଲେ। ଦଳ, ମତ ନିର୍ବିଶେଷରେ ଏହା ସ୍ୱୀକାର କରିବାକୁ ହେବ ଯେ, ସୌମ୍ୟରଞ୍ଜନଙ୍କ ଭୂମିକା ମା’ ଓ ମାଟି ପାଇଁ ରହିଛି। ଗଣମାର୍ଜନ ସୁରକ୍ଷା ଆନ୍ଦୋଳନର ଅନ୍ୟତମ ମହାନ ମହିଳା ସଂଗ୍ରାମୀ ସୁରୁଚି ଭୋଇଙ୍କ ଅବଦାନକୁ ଶ୍ରୀ ପୁରୋହିତ ମନେ ପକାଇଥିଲେ।

### ଉତ୍ସାହିତ କଲେ ମୋନିକା



କାର୍ଯ୍ୟକ୍ରମ ଆରମ୍ଭ ପୂର୍ବରୁ ଓ ପରେ ପଶ୍ଚିମ ଓଡ଼ିଶାର କୋଣଅନୁକୋଣରୁ ଆସିଥିବା ମହିଳାମାନଙ୍କ ସହ ‘ସମ୍ବାଦ’ର ପରିଚାଳନା ନିର୍ଦ୍ଦେଶିକା ଡ. ମୋନିକା ନେୟାର ପଟ୍ଟନାୟକ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ‘ଓଡ଼ିଶା-୫୦’ର ପରିକଳ୍ପନା ଓ ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରାଇବା ସହ ସେମାନଙ୍କ ଔଦ୍ୟୋଗିକ ବିକାଶରେ ଏହି କାର୍ଯ୍ୟକ୍ରମ କେମିତି ସହାୟକ ହୋଇପାରିବ ବୁଝାଇଥିଲେ। ନିଜ ବକ୍ତବ୍ୟରେ ମଧ୍ୟ ସେ ମହିଳାଙ୍କ ସହ କରିଥିବା ବାର୍ତ୍ତାଳାପ ସମ୍ପର୍କରେ ଆଲୋଚନା କରିଥିଲେ। ଲକ୍ଷ୍ମଣପୁରର ମହିଳାମାନେ ପିଠା ତିଆରିକରି ଅଳ୍ପ ବଢ଼ିବାକୁ ଚାହୁଁଛନ୍ତି ତ ପଦମପୁରର ମହିଳାମାନେ ମାଛ, ଛତୁଚାଷ, ଟିଫିନ ଠାରୁ ଆରମ୍ଭ କରି ବଡ଼ି, ପାମ୍ପଡ଼ କରୁଛନ୍ତି। ଏମାନଙ୍କୁ କାମ ଓ ପରିଶ୍ରମ ପାଇଁ ସେମାନଙ୍କୁ ଉପଯୁକ୍ତ ମୂଲ୍ୟ ମିଳିବା ଦରକାର ବୋଲି ଡ. ନେୟାର କହିଥିଲେ। କାର୍ଯ୍ୟକ୍ରମର ମୁଖ୍ୟବକ୍ତା ଏମ୍‌ଏସ୍‌ଏମ୍‌ଇ ବିଭାଗ ସଚିବ ଚାଁଦନୀ ରଞ୍ଜନ ଦାସ ମା’ମାନଙ୍କୁ ଶ୍ରେଷ୍ଠ ମ୍ୟାନେଜର୍ ଆଖ୍ୟା ଦେଇଥିଲେ।








## ସମ୍ବଲପୁରରେ ଗ୍ରାମୀଣ ଆତ୍ମନିର୍ଭରଶୀଳ ମହିଳା ସମାବେଶ 'ଓଡ଼ିଶା-୫୦'

# 'ମା'ର ଆଶୀର୍ବାଦ ହିଁ ମଣିଷକୁ ସଫଳ କରେ'

ସମ୍ବଲପୁର, ୧୩/୧୧ (ଇମିସ): ମା'ଙ୍କ ବିନା ଆଶୀର୍ବାଦରେ ଦୁନିଆରେ କେହି ବଡ଼ ଲୋକ ହୋଇପାରିବେ ନାହିଁ। ସେଥିପାଇଁ ମା'ଙ୍କୁ କହିବି ସନ୍ତାନମାନଙ୍କୁ ଆଶୀର୍ବାଦ ଦିଅନ୍ତୁ। ମା'ର ଏତେ ଶକ୍ତି ଅଛି ଯେ ତାର ପଣତକାନି ଛାୟାରେ ଅସୁସ୍ଥ ପୁତ୍ର ମଧ୍ୟ ସୁସ୍ଥ ହୋଇପାରେ। ବୁଧବାର ସମ୍ବଲପୁର ତପସ୍ୱିନୀ ହଲ୍‌ରେ ଆୟୋଜିତ ଗ୍ରାମୀଣ ଆତ୍ମନିର୍ଭରଶୀଳ ମହିଳା ସମାବେଶ 'ଓଡ଼ିଶା-୫୦'ରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହା

- ମହିଳାଙ୍କ ବିନା କୌଣସି ବିପ୍ଳବର ସଫଳତା ଅସମ୍ଭବ
- ଓଡ଼ିଶା ମୁକ୍ତ ବିଶ୍ୱବିଦ୍ୟାଳୟରେ ଆରମ୍ଭ ହେବ 'ଟ୍ରେନିଂ ଟୁ ଡିଗ୍ରି'
- ରାଜ୍ୟର ୧୭୦୦ ଷ୍ଟାର୍ଟଅପ୍‌ରେ ୪୦% ମହିଳା

କହିଛନ୍ତି ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ। 'ସମ୍ବାଦ' ପକ୍ଷରୁ ଆୟୋଜିତ ଏହି ସମାବେଶରେ ସାମିଲ ମହିଳାମାନଙ୍କ ଉଦ୍ଦେଶ୍ୟରେ ଶ୍ରୀ ପୁରୋହିତ କହିଥିଲେ ଯେ ଏହି କାର୍ଯ୍ୟକ୍ରମ କେବଳ ସେମାନଙ୍କୁ ରୋଜଗାରକ୍ଷମ ହେବା ପାଇଁ ସହାୟକ ହେବ ତାହା ନୁହେଁ, ନିଜ ଗାଁ ଓ ପଞ୍ଚାୟତରେ ଅନ୍ୟ ମା'ମାନଙ୍କୁ ପ୍ରେରିତ କରିବା ପାଇଁ ଆବଶ୍ୟକ ଦକ୍ଷତା ଓ ସାମର୍ଥ୍ୟ ପ୍ରଦାନ କରିବ। ନୂଆ କିଛି କରିବା ପାଇଁ ଯୋଜନା କରୁଥିବା ଏସ୍‌ଏଚ୍‌ଜି ମା'ମାନେ ଏହି ସମାବେଶ ଜରିଆରେ ଅନେକ କିଛି ଜାଣି ପାରିବେ ବୋଲି ସେ ଆଶା ପୋଷଣ କରିଥିଲେ।

ସମାବେଶରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଓଡ଼ିଶା ମୁକ୍ତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଶ୍ୟାମସୁନ୍ଦର ପଟ୍ଟନାୟକ କହିଲେ, ଉଦ୍ୟୋଗକୁ ହାତ ଧରି ନ ଚଳାଇଲେ ବଣମଲ୍ଲୀ ପରି ବଣରେ ହଜିଯିବ। ଉଦ୍ୟୋଗ କ୍ଷେତ୍ରରେ ସଫଳତା ପାଇଁ ଉପଯୁକ୍ତ ଡିଜିଟାଲ ମାର୍କେଟିଂ, କମ୍ପ୍ୟୁଟର ସାକ୍ଷରତା ଓ ଶିକ୍ଷାଗତ ପ୍ରମାଣପତ୍ର ଜରୁରୀ। ଏହାକୁ ଦୃଷ୍ଟିରେ ରଖି ଆସନ୍ତା ଜୁଲାଇ ମାସରୁ ଉଦ୍ୟୋଗୀମାନଙ୍କ ପାଇଁ ଓଡ଼ିଶା ମୁକ୍ତ ବିଶ୍ୱବିଦ୍ୟାଳୟ ପକ୍ଷରୁ 'ଟ୍ରେନିଂ ଟୁ ଡିଗ୍ରି' ଅଭିଯାନ ଆରମ୍ଭ ହେବ। ଏଥିରେ ନିୟମିତ ପାଠର ଆବଶ୍ୟକତା ନାହିଁ। ଉଦ୍ୟୋଗୀମାନେ କରୁଥିବା




କାର୍ଯ୍ୟର ପ୍ରଶିକ୍ଷଣ ଦେଇ ଡିଗ୍ରି ଦିଆଯିବ। ଏଥିରେ ସେମାନେ ୟୁଜି ସାର୍ଟିଫିକେଟ୍‌ଠାରୁ ଆରମ୍ଭ କରି ମାଷ୍ଟର ଡିଗ୍ରି ପର୍ଯ୍ୟନ୍ତ ପ୍ରମାଣପତ୍ର ପାଇବେ। ଯାହା ସେମାନଙ୍କ ଦକ୍ଷତା ବଢ଼ାଇବା ସହିତ ଅନୁଦାନ ପାଇବାରେ ସହାୟକ ହେବ। ଖୁବଶୀଘ୍ର ଓଡ଼ିଶା ମୁକ୍ତ ବିଶ୍ୱବିଦ୍ୟାଳୟ ଡିଜିଟାଲ୍ ବିଶ୍ୱବିଦ୍ୟାଳୟରେ ପରିଣତ ହେବ ବୋଲି ସେ ଘୋଷଣା କରିଥିଲେ।

କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ରାଜ୍ୟ ଏମ୍‌ଏସ୍‌ଏମ୍‌ଇ ବିଭାଗର ସ୍ୱତନ୍ତ୍ର ସଚିବ ନୀହାର ରଞ୍ଜନ ଦାଶ କହିଲେ, ଆଜି ପଶ୍ଚିମ ଓଡ଼ିଶାର ମା'ମାନେ ଖେଦୋକ୍ତି ପ୍ରକାଶ କରି କହୁଛନ୍ତି, 'ବାବୁରେ ଦୁନିଆଁ ଯାକ ବୁଲି ପଡୁଛେ, ଯହ କରି ତୋର ଟୁଣ୍ଡୁ ଯାହା ଶୁନୁଛେ, ହେଲେ ଭୋକର ଲାଗି ନାଇଁସେ କି ଶୋଷର ଲାଗି ନାଇଁସେ, ମୁଇଁ ତୋର ହୀନମନିଆପନ୍ ଲାଗି ଯାହା କାନ୍ଦୁଛେଁ। ଆଜି ଭୋକର ଭୂଗୋଳରୁ ବିକାଶର ନକ୍ସାରେ ପଶ୍ଚିମ ଓଡ଼ିଶା ସାମିଲ ହୋଇଛି। ଏଥିରେ ମହିଳାମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ମା'ମାନଙ୍କୁ ଆର୍ଥିକ ଓ ସାମାଜିକ ଭାବରେ ଏସ୍‌ଏଚ୍‌ଜି କାର୍ଯ୍ୟକ୍ରମ ହିଁ ପରିପୁଷ୍ଟ କରିଛି। ଓଡ଼ିଶାରେ ଏସ୍‌ଏଚ୍‌ଜିର ସଫଳତା ଆକାଶକୁ ଛୁଇଁଥିବାବେଳେ ଷ୍ଟାର୍ଟଅପ୍‌ରେ ମଧ୍ୟ ମହିଳାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଓଡ଼ିଶାରେ କାର୍ଯ୍ୟ କରୁଥିବା ୧୭୦୦ ଷ୍ଟାର୍ଟଅପ୍‌ରେ ୪୦ ପ୍ରତିଶତ ମହିଳା ଉଦ୍ୟୋଗୀମାନେ ଅଛନ୍ତି। ବିନା ସଂରକ୍ଷଣରେ ହିଁ ସେମାନେ ଏହି ସଫଳତା ହାସଲ କରିଛନ୍ତି ବୋଲି ଶ୍ରୀ ଦାଶ କହିଥିଲେ।

ସମାବେଶରେ ସଭାପତିତ୍ୱ କରି 'ସମ୍ବାଦ' ଗ୍ରୁପ୍‌ର ଅଧ୍ୟକ୍ଷ ସୌମ୍ୟରଞ୍ଜନ ପଟ୍ଟନାୟକ କହିଲେ, ମନ ଠିକ୍ ନ ରହିଲେ କିଛି କରି ହେବନାହିଁ। ଉଭୟ 'ମ' ଏବଂ 'ନ' ପାଇଁ ୫ଟି ଲେଖାଏଁ ସୂତ୍ର ରହିଛି। 'ମ'ରୁ ମା, ମାଟି, ମାତୃଭାଷା ପ୍ରତି ଭଲପାଇବା, ମୋବାଇଲର ସୁବିନିଯୋଗ ଓ ମଦମୁକ୍ତ ଓଡ଼ିଶା ଗଠନ। 'ନ'ରୁ ନିରୋଗ, ନିରାଡ଼ମ୍ବର, ନିରଅହଙ୍କାର, ନିର୍ଭୀକ ହେବା ସହ ନିଶାମୁକ୍ତ ପରିବେଶ ସୃଷ୍ଟି ପାଇଁ ସଂକଳ୍ପ ନେବାକୁ ସେ ଆହ୍ୱାନ ଦେଇଥିଲେ। ଯେ କୌଣସି ବିପ୍ଳବରେ ଅଧା ବିଶ୍ୱ ଅର୍ଥାତ୍ ମହିଳାମାନେ ସାମିଲ ନହେଲେ ଏହା ସଫଳ ହୋଇ ପାରିବ ନାହିଁ। ସାମାଜିକ ଓ ପାରିବାରିକ ନିର୍ଯାତନା ବିରୋଧରେ ଲଢ଼େଇ କରିବା ସହ ମହିଳାମାନେ ଶିକ୍ଷିତ ଓ ରୋଜଗାରକ୍ଷମ ହୋଇପାରିଲେ ଅଧା ବିଶ୍ୱ ସଶକ୍ତ ଓ ସୁରକ୍ଷିତ ହୋଇପାରିବ ବୋଲି ଶ୍ରୀ ପଟ୍ଟନାୟକ ମତପ୍ରକାଶ କରିଥିଲେ।

କାର୍ଯ୍ୟକ୍ରମ ଆରମ୍ଭରୁ 'ସମ୍ବାଦ' ଗ୍ରୁପ୍‌ର ପରିଚାଳନା ନିର୍ଦ୍ଦେଶିକା ଡ. ମୋନିକା ନୈୟର ପଟ୍ଟନାୟକ ଓଡ଼ିଶା-୫୦ କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇ କହିଲେ, ମହିଳାମାନେ ଆତ୍ମନିର୍ଭରଶୀଳ ହେବା ପାଇଁ ଲଢ଼େଇ କରୁଛନ୍ତି। କଠିନ ପରିଶ୍ରମ ସତ୍ତ୍ୱେ ଅନେକ କ୍ଷେତ୍ରରେ ଉପଯୁକ୍ତ ଲାଭ ମିଳେ ନାହିଁ। ଏହି କାର୍ଯ୍ୟକ୍ରମ ସେମାନଙ୍କ ପାଇଁ ସହାୟକ ହେବ ବୋଲି ସେ ଆଶାବ୍ୟକ୍ତ କରିଥିଲେ। ଏଥିସହ ପ୍ରତିଟି ମହିଳାଙ୍କ ସଫଳ କାହାଣୀ ଅନ୍ୟମାନଙ୍କୁ ପ୍ରେରିତ କରିବ ବୋଲି କହିଥିଲେ। 'ସମ୍ବାଦ'ର ଅଧ୍ୟକ୍ଷ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ସଂଯୋଜନାରେ ପରିଚାଳିତ ଦ୍ୱିତୀୟ ଅଧିବେଶନରେ ଓରମାସ୍ ସମ୍ବଲପୁରର ଡେପୁଟି ସିଇଓ ଶ୍ରୀମନ୍ତ ହୋତା, ଓଡ଼ିଶା ଜୀବିକା ମିସନ୍ ଝାରସୁଗୁଡ଼ାର ଜିଲ୍ଲା ପ୍ରକଳ୍ପ ପରିଚାଳକ ଡ.ପୁଷ୍ପଶ୍ରୀ ନାୟକ, ଷ୍ଟେଟ୍ ବ୍ୟାଙ୍କ କଣ୍ଟାବାଞ୍ଜିର ମୁଖ୍ୟ ପରିଚାଳକ ମୁକେଶ କୁମାର, ଜିଏମ୍ ବିଶ୍ୱବିଦ୍ୟାଳୟ ସମାଜବିଜ୍ଞାନ ବିଭାଗର ମୁଖ୍ୟ ଡ.ମୀରା ସ୍ୱାଇଁ ବିଶେଷଜ୍ଞ ବକ୍ତା ଭାବେ ଯୋଗଦେଇ ଉପସ୍ଥିତ ଉଦ୍ୟୋଗୀଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। 'ସମ୍ବାଦ'ର ଉପ ମହାପ୍ରବନ୍ଧକ (ବାର୍ତ୍ତା) ସୁବ୍ରତ ନାୟକ ସ୍ୱାଗତ ଅଭିଭାଷଣ ଓ ଅତିଥି ପରିଚୟ ସହ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ପଶ୍ଚିମ ଓଡ଼ିଶାର ୧୦ଟି ଜିଲ୍ଲାର ସମସ୍ତ ବ୍ଲକ୍‌ରୁ ୩୦୦ରୁ ଅଧିକ ଗ୍ରାମୀଣ ମହିଳା ଉଦ୍ୟୋଗୀ ସାମିଲ ହୋଇଥିଲେ।